**DO NOT OPEN THIS TEST BOOKLET UNTIL YOU ARE ASKED TO DO SO**

**Subject Code No. : 39** **Sl. No. :** 4040

# TEST BOOKLET

## LECTURERS IN NON-GOVERNMENT AIDED COLLEGES

# ODIA

*Time Allowed : 2 Hours* *Maximum Marks : 100*

**: INSTRUCTIONS TO CANDIDATES :**

1. IMMEDIATELY AFTER THE COMMENCEMENT OF THE EXAMINATION, YOU SHOULD CHECK THAT THIS TEST BOOKLET **DOES NOT** HAVE ANY UNPRINTED OR TORN OR MISSING PAGES OR ITEMS ETC. IF SO, GET IT REPLACED BY A COMPLETE TEST BOOKLET OF THE SAME SERIES ISSUED TO YOU.
2. You have to enter your **Roll No.** on the Test Booklet in the Box provided alongside. **DO NOT** write *anything else* on the Test Booklet.

| | | | | | | |
|---|---|---|---|---|---|---|
| | | | | | | |

3. This Test Booklet contains **100** items (questions). Each item (question) comprises four responses (answers). You have to select the correct response (answer) which you want to mark (darken) on the Answer Sheet. In case, you feel that there is more than one correct response (answer), you should mark (darken) the response (answer) which you consider the best. In any case, choose **ONLY ONE** response (answer) for each item (question). If more than one response is darkened it will be considered as wrong answer.
4. You have to mark (darken) all your responses (answers) **ONLY** on the **separate Answer Sheet** provided, by **using BALL POINT PEN (BLACK)**. See instructions in the Answer Sheet.
5. All items (questions) carry equal marks. All items (questions) are compulsory. Each wrong response will result in negative marking of **0.25** mark.
6. Before you proceed to mark (darken) in the Answer Sheet the responses to various items (questions) in the Test Booklet, you have to fill in some particulars in the Answer Sheet as per the instructions in your **Admission Certificate**.
7. After you have completed filling in all your responses (answers) on the Answer Sheet and after conclusion of the examination, you should hand over to the Invigilator the *Answer Sheet* issued to you. You are allowed to take with you the candidate's copy/second page of the Answer Sheet along with the *Test Booklet* after completion of the examination for your reference.

**Candidate's full signature** **Invigilator's signature**

SEAL



2016

1. 'ନରମ' କି ପ୍ରକାର ଶବ୍ଦ ?

(A) ଦେଶଜ

(B) ପର୍ତ୍ତୁଗୀଜ ମୂଳ

(C) ଇଂରାଜୀ ମୂଳ

(D) ଯାବନିକ

2. 'ଆଲକାତରା' କି ପ୍ରକାର ଶବ୍ଦ ?

(A) ଓଲନ୍ଦାଜ-ମୂଳ

(B) ପର୍ତ୍ତୁଗୀଜ-ମୂଳ

(C) ଇଂରାଜୀ-ମୂଳ

(D) ଫାର୍ଶୀ ମୂଳ

3. ନିମ୍ନସ୍ଥ କେଉଁଟି କାକଲ୍ୟ ଧ୍ୱନି ?

(A) ହ

(B) ଚ

(C) ମ

(D) ସ

4. 'ଚ' ନିମ୍ନସ୍ଥ କେଉଁ ଶ୍ରେଣୀର ଧ୍ୱନି ?

(A) ଅବର୍ଗ୍ୟ

(B) ଉଷ୍ମ

(C) କଣ୍ଠମୂଳୀୟ

(D) ତାଲବ୍ୟ

5. 'ପଲଟଣ' କି ପ୍ରକାର ଶବ୍ଦ ?

(A) ତତ୍‌ସମ

(B) ଇଂରାଜୀ-ମୂଳ

(C) ଫାର୍ଶୀ

(D) ଦେଶଜ

6. ନିମ୍ନ କେଉଁ ଧ୍ୱନିଟି ସଘୋଷ ମହାପ୍ରାଣ ?

(A) ଲ୍

(B) ବ୍

(C) ଭ୍

(D) ଖ୍

7. ବିଭକ୍ତି କେତେ ପ୍ରକାରର ?

(A) ତିନି

(B) ପାଞ୍ଚ

(C) ଛଅ

(D) ସାତ

8. <u>ହିମାଳୟରୁ</u> ଗଙ୍ଗା ଆବିର୍ଭୂତା । — ରେଖାଙ୍କିତ ପଦ କେଉଁ ବିଭକ୍ତିକୁ ସୂଚାଏ ?

(A) ପଞ୍ଚମୀ

(B) ଦ୍ୱିତୀୟା

(C) ତୃତୀୟା

(D) ସପ୍ତମୀ

9. 'କୃଦନ୍ତ' କହିଲେ କାହାକୁ ବୁଝାଏ ?

(A) ପୂର୍ବ ପ୍ରତ୍ୟୟ ଓ ପର ପ୍ରତ୍ୟୟର ଏକତ୍ରୀକରଣ

(B) ଧାତୁ ଓ ପ୍ରତ୍ୟୟ ଯୋଗରେ ଗଠିତ ପଦ

(C) ସ୍ୱର ଧ୍ୱନି ଓ ବ୍ୟଞ୍ଜନ ଧ୍ୱନିର ସଂଯୋଗ

(D) ଧାତୁ ଓ ସମାସ ଯୋଗରେ ଗଠିତ ଶବ୍ଦ

10. 'ତାଙ୍କ ଗୋଡ଼ ସେକା ହେଉଛି' — ଏଥିରୁ କେଉଁଟି କୃଦନ୍ତ ପଦ ?

(A) ତାଙ୍କ

(B) ଗୋଡ଼

(C) ସେକା

(D) ହେଉଛି

11. ତଦ୍ଧିତ କହିଲେ କାହାକୁ ବୁଝାଏ ?

(A) ବିଶେଷଣ ସହିତ ସର୍ବନାମର ସଂଯୁକ୍ତିରେ ଯାହାହୁଏ ।

(B) ଶବ୍ଦ ସହିତ କ୍ରିୟାର ସମନ୍ୱୟରେ ଯାହାହୁଏ ।

(C) ଧାତୁ ସହିତ ପ୍ରତ୍ୟୟର ସଂପୃକ୍ତିରେ ଯାହାହୁଏ ।

(D) ଶବ୍ଦ ସହିତ ପ୍ରତ୍ୟୟ ଯୋଗରେ ଯାହାହୁଏ ।

12. 'ପାହାଡ଼ିଆ ଲୋକଜଣକ ସହରକୁ ଗଲା' — ଏଥିରୁ କେଉଁଟି ତଦ୍ଧିତ ପଦ ?

(A) ପାହାଡ଼ିଆ

(B) ଲୋକଜଣକ

(C) ସହରକୁ

(D) ଗଲା

13. 'ସମାସ'ର ଧର୍ମ କ'ଣ ?

(A) ବାକ୍ୟରେ ଅର୍ଥ-ସହଜତା ସୃଷ୍ଟି

(B) ପରସ୍ପର ସମ୍ବନ୍ଧଥିବା ଛୋଟ ଛୋଟ ପଦର ଏକତ୍ରୀକରଣ

(C) ସରଳ ବାକ୍ୟକୁ ଯୌଗିକ ବାକ୍ୟରେ ପରିବର୍ତ୍ତନ

(D) ଭାଷିକ କ୍ଲିଷ୍ଟତା ସୃଷ୍ଟି

14. 'ସମାସ' କେତେ ଭାଗରେ ବିଭକ୍ତ ?

(A) ଚାରି

(B) ପାଞ୍ଚ

(C) ଛଅ

(D) ସାତ

15. 'ଦମ୍ପତି' କି ପ୍ରକାର ସମାସ ପଦ ?

(A) ଦ୍ୱିଗୁ ସମାସ

(B) ଅବ୍ୟୟୀଭାବ ସମାସ

(C) କର୍ମଧାରୟ ସମାସ

(D) ଦ୍ୱନ୍ଦ୍ୱ ସମାସ

16. 'ରୂଢ଼ି' ର ମୌଳିକ ଧର୍ମ ?

(A) ଆଭିଧାନିକ ଅର୍ଥରେ ବ୍ୟବହୃତ ହୁଏ

(B) ଆଭିଧାନିକ ଅର୍ଥ ପରିତ୍ୟାଗ କରି ବିଶିଷ୍ଟ ଅର୍ଥ ଗ୍ରହଣ କରେ

(C) ଆପଣା ଭାଷିକ ରୂପର ପରିବର୍ତ୍ତନ ଘଟାଏ

(D) ପ୍ରୟୋଗ ଭେଦରେ ଅର୍ଥ ବଦଳିଯାଏ

17. 'ବାହାଘରବେଳେ ବାଇଗଣ ରୁଆ' — ରୂଢ଼ିର ଅର୍ଥ କ'ଣ ?

(A) ବାଇଗଣ ରୋପଣର ପ୍ରକୃଷ୍ଟ ସମୟ ବାହାଘର

(B) ମୂଳ କାର୍ଯ୍ୟ ସହ ସହଯୋଗୀ କାର୍ଯ୍ୟ ଏକତ୍ର କରିବା ଉଚିତ

(C) ଧୈର୍ଯ୍ୟ ଧରିଲେ କାର୍ଯ୍ୟ ସିଦ୍ଧି ହୁଏ

(D) ପୂର୍ବ ପ୍ରସ୍ତୁତି ନଥାଇ ଶେଷ ମୁହୂର୍ତ୍ତରେ କାର୍ଯ୍ୟ

18. ‘ଶ୍ଳେଷ’ ଅଳଙ୍କାର କେତେ ପ୍ରକାରର ?

(A) ତିନି

(B) ଦୁଇ

(C) ଚାରି

(D) ପାଞ୍ଚ

19. ଉପମାନ ଅପେକ୍ଷା ଉପମେୟର ଉତ୍କର୍ଷ ବା ଅପକର୍ଷ କଥିତ ହେଲେ କେଉଁ ଅଳଙ୍କାର ହୁଏ ?

(A) ପ୍ରତୀପ

(B) ଅତିଶୟୋକ୍ତି

(C) ବ୍ୟତିରେକ

(D) ଉତ୍‌ପ୍ରେକ୍ଷା

20. ଭିନ୍ନାର୍ଥବୋଧକ ଏକପ୍ରକାର ଶବ୍ଦର ପୁନରାବୃତ୍ତି ହେଲେ ତାହା କି ଅଳଙ୍କାର ହୁଏ ?

(A) ପ୍ରତିବସ୍ତୁପମା

(B) ଅନୁପ୍ରାସ

(C) ଶ୍ଳେଷ

(D) ଯମକ

21. ‘ଧୀର ପାଣି ପଥର କାଟେ’ — ଏହା କି ପ୍ରକାର ଲୋକୋକ୍ତି ?

(A) ଢଗ

(B) ନାଁ ଦିଆ

(C) ପ୍ରବଚନ

(D) ଛଟା

22. ‘ଲଳିତାପାଲା’ ଓଡ଼ିଶାର କେଉଁ ଅଞ୍ଚଳରେ ଅଭିନୀତ ହୁଏ ?

(A) ଉତ୍ତର ଓଡ଼ିଶା

(B) ପଶ୍ଚିମ ଓଡ଼ିଶା

(C) ଦକ୍ଷିଣ ଓଡ଼ିଶା

(D) କେନ୍ଦ୍ରୀୟ ଓଡ଼ିଶା

23. ‘କର୍ମଗୀତ’ ର ମୂଳ ଉଦ୍ଦେଶ୍ୟ କ’ଣ ?

(A) ଆନନ୍ଦ ପ୍ରଦାନ

(B) ଶ୍ରମଲାଘବ

(C) କଣ୍ଠସାଧନା

(D) ସ୍ୱପ୍ନ ପୂରଣ

24. ଲୋକକାହାଣୀର ପ୍ରଥମ ସଂଗୃହିତ ଓଡ଼ିଆ ପୁସ୍ତକ କେଉଁଟି ?

(A) ଓଡ଼ିଶାର ଲୋକକାହାଣୀ

(B) ଉତ୍କଳ କାହାଣୀ

(C) ଓଡ଼ିଶାର ଲୋକକଥା

(D) କଥାଲହରୀ

25. କାଆତରୁବର ପଞ୍ଚବି ଡାଳ
ଚଞ୍ଚଳ ଚିଏ ପଇଠା କାଳ । —
ଏହା କେଉଁ ଚର୍ଯ୍ୟାକାରଙ୍କ ରଚନା ?

(A) ଦାରିକପା

(B) ଶାନ୍ତିପା

(C) କାହ୍ନୁପା

(D) ଲୁଇପା

26. କେଉଁ ଚର୍ଯ୍ୟାକାରଙ୍କ ଭଣିତାରେ 'ରାଉତୁ' ବୋଲି ଉଲ୍ଲେଖ ରହିଛି ?

(A) କୁକୁରୀପା

(B) ସରହପା

(C) ଭୁସୁକୁପା

(D) ଶବରପା

27. 'ନଗର ବାହିରିରେ ଡୋମ୍ବି ତୋହର କୁଡ଼ିଆ' — ଏହି ପାଦର 'ଡୋମ୍ବି' କିଏ ?

(A) ସୀଷୁମୁନା

(B) ଜୀବାତ୍ମା

(C) ଜନୈକ ନାରୀ

(D) ସହଜ ସୁନ୍ଦରୀ

28. 'ବିଲଙ୍କା ରାମାୟଣ' ରେ କେଉଁ ସଂସ୍କୃତ ଗ୍ରନ୍ଥର ପ୍ରଭାବ ଅନୁଭୂତ ହୁଏ ?

(A) ଅଧ୍ୟାତ୍ମ ରାମାୟଣ

(B) ଅଦ୍ଭୁତ ରାମାୟଣ

(C) ଶ୍ରୀମଦ୍ ଭାଗବତ

(D) ନୀଳାଦ୍ରି ଶତକମ୍

29. କେଉଁ ଦୁହିଁଙ୍କ ମିଳନରୁ 'ଖନିକାର' ର ଜନ୍ମ ?

(A) ଶ୍ରୀକୃଷ୍ଣ ଓ ଜନୈକା ଦାସୀ

(B) ଶ୍ରୀକୃଷ୍ଣ ଓ ରୁକ୍ମିଣୀ

(C) ଶ୍ରୀୟା ଓ ନାରାୟଣ

(D) ଋଷ୍ୟଶୃଙ୍ଗ ଓ ଜନୈକା ରାଜକନ୍ୟା

30. 'ଲକ୍ଷ୍ମୀନାରାୟଣ ବଚନିକା' ର ଲେଖକ କିଏ ?

(A) ଯଶୋବନ୍ତ ଦାସ

(B) ବଳରାମ ଦାସ

(C) ବିଷ୍ଣୁ ଦାସ

(D) ସାରଳା ଦାସ

31. କେଉଁଟି ବଳରାମ ଦାସଙ୍କ ରଚନା ?

(A) ଭାବସମୁଦ୍ର

(B) ଶୂନ୍ୟ ସଂହିତା

(C) ଭୂତକେଳି

(D) ଶ୍ରୁତି ନିଷେଧ ଗୀତା

32. ଗୁଜ୍ଜରୀ ଛନ୍ଦରେ କେଉଁଟି ରଚିତ ?

(A) ଭାଗବତ

(B) ତୁଳାଭିଣା

(C) ଭଗବଦ୍‌ଗୀତା

(D) ଜଗମୋହନ ରାମାୟଣ

33. 'ଛତିଶ ଗୁପ୍ତଗୀତା' ର ରଚୟିତା କିଏ ?

(A) ଯଶୋବନ୍ତ ଦାସ

(B) ବଳରାମ ଦାସ

(C) ଜଗନ୍ନାଥ ଦାସ

(D) ଅନନ୍ତ ଦାସ

34. 'ଓଲଟ ଚଉତିଶା' ର ବୈଶିଷ୍ଟ୍ୟ କ'ଣ ?

(A) କୃଷ୍ଣଙ୍କ ଗୁଣ ବର୍ଣ୍ଣନାମୂଳକ ପଦ ରଚନା

(B) ସ୍ୱରବର୍ଣ୍ଣଭିତ୍ତିକ ପଦ ରଚନା

(C) ବିପରୀତ ଅକ୍ଷର କ୍ରମରେ ପଦ ରଚନା

(D) ବନାନବିହୀନ ପଦ ରଚନା

35. 'ବାରମାସୀ କୋଇଲି' ର ରଚୟିତା କିଏ ?

(A) ଗୋପେନ୍ଦ୍ର କବି

(B) ଦାମୋଦର ଦାସ

(C) ବିଷ୍ଣୁ ଦାସ

(D) ଶଙ୍କର ଦାସ

36. 'ରୁଦ୍ରସୁଧାନିଧି' ରେ କଥାର ବିଭିନ୍ନ ଭାଗକୁ ସୂଚିତ କରୁଥିବା ଶବ୍ଦ କେଉଁଟି ?

(A) ଅଂଶ

(B) ଉଚ୍ଛ୍ୱାସ

(C) ପଟଳ

(D) ପ୍ରକରଣ

37. 'ରୁଦ୍ରସୁଧାନିଧି' କେଉଁ ଶୈଳୀରେ ରଚିତ ?

(A) ମୁକ୍ତକ

(B) ପୟାର

(C) ଚୂର୍ଣ୍ଣକ

(D) ବୃତ୍ତଗନ୍ଧି

38. ସଂସ୍କୃତ କାବ୍ୟତତ୍ତ୍ୱ ଅନୁଯାୟୀ 'କୋଇଲି' ଏକ :

(A) ଖଣ୍ଡକାବ୍ୟ

(B) କାବ୍ୟ

(C) ଦୂତକାବ୍ୟ

(D) ମହାକାବ୍ୟ

39. ଚଉତିଶା ରଚନାର ମୌଳିକ ଧର୍ମ କେଉଁଟି ?

(A) ଚଉତିରିଶଟି ବର୍ଣ୍ଣରେ ପଦ ରଚନା

(B) ଚଉତିରିଶଟି ବ୍ୟଞ୍ଜନ ବର୍ଣ୍ଣରେ ପଦ ରଚନା

(C) ଚଉତିରିଶଟି ପାଦ ବିଶିଷ୍ଟ ରଚନା

(D) ଚଉତିରିଶଟି ବ୍ୟଞ୍ଜନ ବର୍ଣ୍ଣର କ୍ରମିକତାରେ ପଦ ରଚନା

40. ଜଗନ୍ନାଥ ଦାସ କେତେ ବର୍ଷ ବୟସରେ ଭାଗବତ ରଚନା କରିଥିଲେ ?

(A) ଅଠର

(B) ତେଇଶ

(C) ତିରିଶ

(D) ସଇଁତିରିଶ

41. 'ଚତୁର ବିନୋଦ' ର ମୋଟ କାହାଣୀ ସଂଖ୍ୟା କେତେ ?

(A) ପନ୍ଦର

(B) ଅଠର

(C) ଏକୋଇଶ

(D) ବାବନ

42. 'ମାଦଳାପାଞ୍ଜି'ରେକେତୋଟି ରାଜବଂଶର ପ୍ରସଙ୍ଗ ବିଶେଷଭାବେ ରହିଛି ?

(A) ଛଅ

(B) ତିନି

(C) ଚାରି

(D) ସାତ

43. 'ମାଦଳାପାଞ୍ଜି'ର ଭାଷା ସଂପର୍କରେ କିଏ ସର୍ବପ୍ରଥମେ ଆଲୋଚନା କରିଥିଲେ ?

(A) ଜନ୍ ବୀମ୍ସ

(B) ଶ୍ୟାମସୁନ୍ଦର ରାଜଗୁରୁ

(C) ବିଜୟ ଚନ୍ଦ୍ର ମଜୁମ୍ଦାର

(D) ଆର୍ତ୍ତବଲ୍ଲଭ ମହାନ୍ତି

44. 'ଚତୁରବିନୋଦ' ର ଚାରିଟି ବିନୋଦ କେଉଁ କ୍ରମରେ ଉପସ୍ଥାପିତ ?

(A) ପ୍ରୀତି, ନୀତି, ହାସ, ରସ

(B) ରସ, ପ୍ରୀତି, ନୀତି, ହାସ

(C) ହାସ, ରସ, ନୀତି, ପ୍ରୀତି

(D) ନୀତି, ପ୍ରୀତି, ହାସ, ରସ

45. 'ଲାବଣ୍ୟବତୀର' ପ୍ରଥମ ଛାନ୍ଦ କେଉଁ ରାଗରେ ଲିଖିତ ?

(A) ବରାଡ଼ି

(B) ନଳିନୀ ଗୌଡ଼ା

(C) ପଞ୍ଚମଞ୍ଜରୀ

(D) ମଙ୍ଗଳ ଗୁଜ୍ଜରୀ

46. 'ଚମ୍ପୂ' ର ସ୍ୱାତନ୍ତ୍ର୍ୟ କ'ଣ ?

(A) ଗଦ୍ୟ ରୀତିର କାବ୍ୟ

(B) ଦୂତକାବ୍ୟ

(C) ଖଣ୍ଡକାବ୍ୟ

(D) ଗଦ୍ୟ ଓ ପଦ୍ୟ ମିଶ୍ରିତ କାବ୍ୟ

47. କହି ନୋହଇ ଅଧର ସୁରଙ୍ଗ ଟେକ ।

କବି ଜଡ଼ ହୋଏ ଯାହା କରି ବିଲୋକ ।

ଉପରୋକ୍ତ ପଦରେ 'ବିଲୋକ' ଶବ୍ଦର ଅର୍ଥ କ'ଣ ?

(A) ଦର୍ଶନ

(B) ବିଶ୍ୱାସ

(C) ଭୋଜନ

(D) ଗତି

48. ପଦାବଳୀର ଦୁଇ ପ୍ରଧାନ ସ୍ୱାତନ୍ତ୍ର୍ୟ :

(A) ଶବ୍ଦଗୁଂଫନ ଓ ଯତିପାତ

(B) ରାଗରାଗିଣୀ ଓ ଛନ୍ଦହୀନତା

(C) ସାଙ୍ଗୀତିକତା ଓ ସାରଲ୍ୟ

(D) ଭାବଶୂନ୍ୟତା ଓ ବିଷମଛନ୍ଦ

49. 'ଘୃତଘଟକୁ ଶିଖି-ଶିଖା ପାଖରେ ରଖି ଶିରୀଷ ଦେହା ଏହା ସହିଲୁରେ' — ଉକ୍ତ ପାଦର 'ଶିଖି' ଶବ୍ଦର ଅର୍ଥ କ'ଣ ?

(A) ମୟୂର

(B) ଅନଳ

(C) ଗାଈ

(D) ବର୍ଷା

50. 'ରସକଲ୍ଲୋଳ'ର କାବ୍ୟ ସ୍ୱାତନ୍ତ୍ର୍ୟ :

(A) 'କ' ଆଦ୍ୟ ଓ ଅନ୍ତ ନିୟମରେ ରଚିତ

(B) 'କ' ଆଦ୍ୟ ଓ ମଧ୍ୟ ନିୟମରେ ରଚିତ

(C) 'କ' ଆଦ୍ୟ ନିୟମ ବିଚ୍ୟୁତିରେ ରଚିତ

(D) 'କ' ଆଦ୍ୟ ନିୟମରେ ରଚିତ

51. 'ଚଂପୂ'ର ଲଳିତା ଚରିତ୍ରର ମୂଳକାର୍ଯ୍ୟ :

(A) ଶ୍ରୀରାଧାଙ୍କ ବେଶବିନ୍ୟାସ

(B) ଶ୍ରୀକୃଷ୍ଣଙ୍କ ସେବା

(C) ଶ୍ରୀରାଧା ଓ ଶ୍ରୀକୃଷ୍ଣ ମଧ୍ୟସ୍ଥ ଦୌତ୍ୟକର୍ମ

(D) ଶ୍ରୀରାଧାଙ୍କ ପଦ ପ୍ରକ୍ଷାଳନ

52. ଉଠିଲୁ ଏଡ଼େ ବେଗି କାହିଁକିରେ ।
ଦଧି ମନ୍ଥାଇ ଦେବୁ ନାହିଁକିରେ ।। — ପଦଟି କାହାର ରଚନା ?

(A) ଗୌରହରି

(B) କବିସୂର୍ଯ୍ୟ

(C) ବନମାଳୀ

(D) ଗୋପାଳକୃଷ୍ଣ

53. 'ରସକଲ୍ଲୋଳ' କେତେ ଛାନ୍ଦ ବିଶିଷ୍ଟ ରଚନା ?

(A) ଚଉତିରିଶି

(B) ଅଠାବନ

(C) ଅଡ଼ଷଠି

(D) ବାସ୍ତରୀ

54. କେଉଁଟି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚନା ନୁହେଁ ?

(A) ସୁଲକ୍ଷଣା

(B) ରସବତୀ

(C) ପ୍ରେମସୁଧାନିଧି

(D) ବିଦଗ୍ଧ ଚିନ୍ତାମଣି

55. 'ଚତୁରବିନୋଦ'ରେ ଚିତ୍ରାଙ୍ଗୀ କନ୍ୟା ପ୍ରସଙ୍ଗରେ କେଉଁ ବିବାହକୁ ଗୁରୁତ୍ୱ ଦିଆଯାଇଛି ?

(A) ବୈଦିକ ରୀତିର ବିବାହ

(B) ସ୍ୱୟଂବରଣ ବା ଗାନ୍ଧର୍ବ ବିବାହ

(C) ବଳାତ୍କାର ବିବାହ

(D) ବହୁପତ୍ନୀ ବିବାହ

56. 'According to some, the Madalapanji was burnt to ashes by the orders of Kalapahar. I differ from this view .....'
— ଏହି ଉକ୍ତିଟି କାହାର ?

(A) ମନମୋହନ ଚକ୍ରବର୍ତ୍ତୀ

(B) ଡବ୍ଲୁ ଡବ୍ଲୁ ହଣ୍ଟର

(C) ପଣ୍ଡିତ ବିନାୟକ ମିଶ୍ର

(D) ଆର୍ତ୍ତବଲ୍ଲଭ ମହାନ୍ତି

57. 'ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧାହରି' — 'ବିଦଗ୍ଧ ଚିନ୍ତାମଣି'ର ଏହି ପାଦସ୍ଥ 'ଅପ୍ରାକୃତ' ଶବ୍ଦର ଅର୍ଥ କ'ଣ ?

(A) ଆଧ୍ୟାତ୍ମିକ

(B) ଅଲୌକିକ

(C) ଅମାନବୀୟ

(D) ଆଧିଦୈବିକ

58. '..... it may be said for Bidagdha Chintamani that, no single Oriya poem contains so many examples or rhetorical skill or abstract poetry as this work does.' — ଏ ମତ କିଏ ଦେଇଛନ୍ତି ?

(A) ମନମୋହନ ଚକ୍ରବର୍ତ୍ତୀ

(B) ବିଜୟ ଚନ୍ଦ୍ର ମଜୁମ୍‌ଦାର୍

(C) ଗୋପୀନାଥ ନନ୍ଦଶର୍ମା

(D) ଜନ୍ ବୀମ୍‌ସ

59. 'ବିଦଗ୍ଧ ଚିନ୍ତାମଣିର' ପ୍ରଥମ ଛାନ୍ଦ କେଉଁ ନିୟମରେ ରଚିତ ?

(A) ଷୋଡ଼ଶା ବର୍ଣ୍ଣ ନିୟମ

(B) ଚଉତିଶା ବର୍ଣ୍ଣ ନିୟମ

(C) ପଞ୍ଚାଶ ବର୍ଣ୍ଣ ନିୟମ

(D) ଓଲଟ ଚଉତିଶା ବର୍ଣ୍ଣ ନିୟମ

60. 'ପଦ ସରଳ ଧ୍ୱନିରେ ମାନସ ମୋହିବ ଅର୍ଥୀଜନ ପ୍ରକରକୁ ଆନନ୍ଦ କରିବ'— ଲାବଣ୍ୟ-ବତୀର ଏପଦଟିରେ 'ଅର୍ଥୀଜନ'ର ଅର୍ଥ କ'ଣ ?

(A) ଧନୀ ବ୍ୟକ୍ତି

(B) ମୂର୍ଖ ବ୍ୟକ୍ତି

(C) କୃପଣ ବ୍ୟକ୍ତି

(D) ବିଦଗ୍ଧ ବ୍ୟକ୍ତି

61. ପ୍ରଥମ ଓଡ଼ିଆ ସମ୍ବାଦପତ୍ର କି ରୂପରେ ପ୍ରକାଶ ପାଉଥିଲା ?

(A) ସାପ୍ତାହିକ

(B) ମାସିକ

(C) ଦୈନିକ

(D) ପାକ୍ଷିକ

62. ନଅଙ୍କ ଦୁର୍ଭିକ୍ଷ କାଳରେ ଓଡ଼ିଶାରୁ ପ୍ରକାଶ ପାଉଥିବା ସଂବାଦପତ୍ର କିଏ ?

(A) ତାରକା

(B) ଉତ୍କଳ ଦୀପିକା

(C) ଉତ୍କଳ ମଧୁପ

(D) ସମ୍ବାଦ ବାହିକା

63. ରାଧାନାଥଙ୍କ 'ବିବେକୀ' କେଉଁ ପତ୍ରିକାରେ ପ୍ରଥମେ ପ୍ରକାଶ ପାଇଥିଲା ?

(A) ଉତ୍କଳ କେଶରୀ

(B) ଉତ୍କଳ ପ୍ରଭା

(C) ଉତ୍କଳ ସାହିତ୍ୟ

(D) ଉତ୍କଳ ଦର୍ପଣ

64. 'ଶିକ୍ଷାବନ୍ଧୁ' ପତ୍ରିକାର ମୂଳ ଉଦ୍ଦେଶ୍ୟ କ'ଣ ଥିଲା ?

(A) ଶିକ୍ଷକମାନଙ୍କ ସମସ୍ୟାର ଉପସ୍ଥାପନ

(B) ଛାତ୍ରମାନଙ୍କ ପାଠ୍ୟପୁସ୍ତକ ସଂପର୍କୀୟ ରଚନା

(C) ଶିକ୍ଷା ସଂପର୍କୀୟ ବିଷୟର ଚର୍ଚ୍ଚା

(D) ସ୍କୁଲ ପରିଚାଳନାଗତ ସମସ୍ୟା ଓ ତା'ର ନିରାକରଣ

65. 'ରେବତୀ' ପତ୍ରିକାରେ ପ୍ରଥମେ ପ୍ରକାଶ ପାଇବାବେଳେ କିଏ ପତ୍ରିକାର ସଂପାଦକ ଥିଲେ ?

(A) ବୈକୁଣ୍ଠ ନାଥ ଦେ

(B) ମହାନନ୍ଦ କର

(C) ବିଶ୍ୱନାଥ କର

(D) ଗୌରୀଶଙ୍କର ରାୟ

66. କାହ୍ନୁଚରଣଙ୍କ ଉପନ୍ୟାସରେ ବିଶେଷ ପ୍ରାଧାନ୍ୟ ଦିଆଯାଇଛି :

(A) କ୍ଷୁଧା

(B) ଦାମ୍ପତ୍ୟପ୍ରେମ

(C) ନିସର୍ଗ ଚିତ୍ର

(D) ନାରୀ ମନସ୍ତତ୍ତ୍ୱ

67. ସୁରେନ୍ଦ୍ର ମହାନ୍ତିଙ୍କ 'କବି' ଗଳ୍ପର କେନ୍ଦ୍ରୀୟ ଚରିତ୍ର କିଏ ?

(A) ଉପେନ୍ଦ୍ରଭଞ୍ଜ

(B) ଦୀନକୃଷ୍ଣ

(C) ସାଲବେଗ

(D) ସଚ୍ଚିରାଉତରା

68. 'ନପାହୁରାତି ନମରୁପତି'ର ନାଟ୍ୟକାର କିଏ ?

(A) ଗୋପାଳ ଛୋଟରାୟ

(B) ରମେଶ ପାଣିଗ୍ରାହୀ

(C) କାଳିଚରଣ

(D) ରାମଶଙ୍କର

69. କାଳୀଚରଣ ପଟ୍ଟନାୟକଙ୍କ ଆତ୍ମଜୀବନୀ କେଉଁଟି ?

(A) ସ୍ମୃତି ଓ ଅନୁଭୂତି

(B) ମୋ ଜୀବନ ସ୍ମୃତି

(C) ମୋ କାହାଣୀ

(D) କୁମ୍ଭାରଚକ

70. 'ରବି' ଓ 'ଛବି'ର ଭଲପାଇବା କେଉଁ ଉପନ୍ୟାସରେ ଚିତ୍ରିତ ?

(A) ଅମଡ଼ାବାଟ

(B) ମାଟିମଟାଳ

(C) ଆଜିର ମଣିଷ

(D) ବର୍ଷା ବସନ୍ତ ବୈଶାଖ

71. ଫକୀର ମୋହନଙ୍କ 'ରେବତୀ' କେଉଁ ପତ୍ରିକାର କେଉଁ ସଂଖ୍ୟାରେ ପ୍ରକାଶିତ ?

(A) ବୋଧଦାୟିନୀ, ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟା

(B) ଉତ୍କଳପ୍ରଭା, ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା

(C) ଉତ୍କଳ ସାହିତ୍ୟ, ଦ୍ୱିତୀୟ ବର୍ଷ, ଦଶମ ସଂଖ୍ୟା

(D) ଉତ୍କଳ ଦର୍ପଣ, ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା

72. ଓଡ଼ିଆ ନାଟ୍ୟଧାରାରେ କାଳୀଚରଣଙ୍କ ବିଶିଷ୍ଟ ଅବଦାନ :

(A) ପ୍ରଭାବଶାଳୀ ପୌରାଣିକ ନାଟକ ରଚନା

(B) ସାଧାରଣ ମଞ୍ଚରେ ଅସାଧାରଣ ନାଟକ ପ୍ରଦର୍ଶନ

(C) ଆହାର୍ଯ୍ୟ ଅଭିନୟରେ ଗୁରୁତ୍ୱ

(D) ସାଧାରଣ ଲୋକ-ଭାଷାରେ ସଂଳାପ

73. 'ମେସୋପଟାମିଆ ଯାତ୍ରା' କାହାର ରଚନା ?

(A) ରାମକୃଷ୍ଣ ତ୍ରିପାଠୀ

(B) ଶୈଳବାଳା ଦାସ

(C) ମହେଶ ଚନ୍ଦ୍ର ରାୟ

(D) କୈଳାସ ଚନ୍ଦ୍ର ଭରତକର

74. ଓଡ଼ିଆରେ କିଏ ପ୍ରଥମ ସାମାଜିକ ଉପନ୍ୟାସକାର ?

(A) ରାମଶଙ୍କର ରାୟ

(B) ଫକୀରମୋହନ ସେନାପତି

(C) ମୌଲବୀ ଅବଦୁଲ ରହିମ

(D) ଗୋପାଳ ବଲ୍ଲଭ ଦାସ

75. ‘ମାଟିରତାଜ’ — ଗଳ୍ପରେ କାହାକୁ ବୁଝାଇଛି ?

(A) କୁଡ଼ିଆ ଘର

(B) ସମାଧିପୀଠ

(C) ଶସ୍ୟପୂର୍ଣ୍ଣ କ୍ଷେତ

(D) ମାଟିତିଆରି ଖେଳନା ତାଜମହଲ

76. ‘ନାଲିପାନ ରାଣୀ କଳାପାନ ଟୀକା’ କେଉଁ ନାଟ୍ୟକାରଙ୍କ ସୃଷ୍ଟି ?

(A) ମନୋରଂଜନ ଦାସ

(B) ରତ୍ନାକର ଚଇନି

(C) ରମେଶ ପାଣିଗ୍ରାହୀ

(D) ବିଶ୍ୱଜିତ ଦାସ

77. ‘ସିମଳାଯାତ୍ରା’ କାହାର ରଚନା ?

(A) ଶ୍ରୀପତି ମିଶ୍ର

(B) ଚିନ୍ତାମଣି ଆଚାର୍ଯ୍ୟ

(C) କୁଳମଣି ଦାଶ

(D) ଜଳନ୍ଧର ଦେବ

78. ‘ଲୁହାର ମଣିଷ’ ନାମକରଣ ପଛରେ ଉପନ୍ୟାସର କେଉଁ ପ୍ରସଙ୍ଗ ରହିଛି ?

(A) ବରଜୁର ଏକଜିଦିଆ ପଣ

(B) ବରଜୁର ଭାତୃପ୍ରେମ

(C) ବରଜୁର ଶ୍ରମପୁଷ୍ଟ ବଳିଷ୍ଠ ଶରୀର

(D) ବରଜୁର ହାତକଡ଼ି ପିନ୍ଧା

79. ବୀଣାପାଣିଙ୍କ ‘ପାଟଦେଇ’ର କେନ୍ଦ୍ରୀୟ ଚରିତ୍ର କିଏ ?

(A) ସ୍ୱଚ୍ଛଳ ପରିବାରର ଜଣେ ଝିଅ

(B) ଚାକିରୀଜୀବୀ ଜଣେ ଯୁବତୀ

(C) ଗର୍ଭବତୀ ଜଣେ ଗାଉଁଲି ଝିଅ

(D) ଶାରୀରୀକଭାବେ ଅକ୍ଷମ ଜଣେ ଯୁବତୀ

80. ମନୋରଞ୍ଜନ ଦାସଙ୍କ ‘ଅଗଷ୍ଟ ନଅ’ର ମୂଳ ସ୍ୱର :

(A) ଦେଶପ୍ରେମ

(B) ଦୁର୍ନୀତି

(C) ପ୍ରେମ

(D) ଅନ୍ତର୍ଘାତ

81. ନିମ୍ନ କେଉଁ ରସ ଭରତ ମୁନିଙ୍କ ଦ୍ୱାରା ଉଲ୍ଲିଖିତ ନୁହେଁ ?

(A) ବୀର

(B) ଶାନ୍ତ

(C) ଅଦ୍ଭୁତ

(D) ରୌଦ୍ର

82. କାବ୍ୟତତ୍ତ୍ୱରେ ‘ରୀତି’ ପ୍ରସଙ୍ଗର ପ୍ରଥମ ଉଦ୍‌ଘୋଷକ କିଏ ?

(A) ଆଚାର୍ଯ୍ୟ ଦଣ୍ଡୀ

(B) ଆଚାର୍ଯ୍ୟ ଭରତ

(C) ଆଚାର୍ଯ୍ୟ କୁନ୍ତକ

(D) ଆଚାର୍ଯ୍ୟ ବାମନ

83. ସାହିତ୍ୟ ଶାସ୍ତ୍ରରେ ଏମାନଙ୍କ ମଧ୍ୟରୁ କାହାକୁ ଅଳଂକାର ସହିତ ଅବିଚ୍ଛେଦ୍ୟ ଭାବରେ କଳ୍ପନା କରାଯାଇଛି ?

(A) ରୀତି

(B) ଗୁଣ

(C) ଧ୍ୱନି

(D) ବର୍ଣ୍ଣ

84. ନିମ୍ନ କେଉଁ ଦେଶରେ 'ବାସ୍ତବବାଦ' ପ୍ରଥମେ ଏକ-ମତବାଦ ଭାବରେ ଦେଖାଦେଇଥିଲା ?

(A) ଫରାସୀ

(B) ଜର୍ମାନୀ

(C) ଇଂଲଣ୍ଡ

(D) ଆମେରିକା

85. କେଉଁ ଦୁଇଟି 'କ୍ଲାସିସିଜମ୍'ର ପ୍ରଧାନ ଗୁଣ ?

(A) ସୌନ୍ଦର୍ଯ୍ୟଦୃଷ୍ଟି ଓ ଭବପ୍ରବଣତା

(B) ପାରିପାର୍ଶ୍ୱିକତା ଓ ଭାଷିକ ଦକ୍ଷତା

(C) ସାମାଜିକ ଚିତ୍ର ଓ ନମନୀୟ ଶୈଳୀ

(D) ଭାବଅଖଣ୍ଡତା ଓ ପରିପକ୍ୱତା

86. 'ସୌନ୍ଦର୍ଯ୍ୟବୋଧ ଓ ସୁଦୂର ପ୍ରତି ଆକର୍ଷଣ' — କାହାର ଧର୍ମଭାବେ ସ୍ୱୀକୃତ ?

(A) କ୍ଲାସିକବାଦ

(B) ବାସ୍ତବବାଦ

(C) ରୋମାଣ୍ଟିକବାଦ

(D) ସ୍ୱଭାବବାଦ

87. 'ୟାଗିମଧ୍ୟେ ବୁଡ଼େ ସୂର୍ଯ୍ୟ, ଉଇଁ ଆସେ ଚାନ୍ଦ ଶରତର'

ଯେପରି ସୁନାର ଦାଆ କାଟି କାଟି ଅନ୍ଧାର ଫସଲ

ବୁଣିଦିଏ ହୀରାରେ ମୁରୁଜ

ହସିଉଠେ ନଦୀପଠା, କାଠଯୋଡ଼ି ପଥର ବୁରୁଜ' —

ଏହି ପଦଟିରେ କେଉଁ କାବ୍ୟ କୌଶଳ ପ୍ରଯୁକ୍ତ ?

(A) ଲକ୍ଷ୍ୟାର୍ଥ

(B) ଚିତ୍ରକଳ୍ପ

(C) ପ୍ରତୀକ

(D) ଉତ୍ପ୍ରେକ୍ଷା

88. ସାହିତ୍ୟରେ 'ମିଥ୍'ର ପ୍ରମୁଖ ଭୂମିକା କ'ଣ ?

(A) ପୁରାଣ ପ୍ରସଙ୍ଗର ପୁନର୍ମୂଲ୍ୟାୟନ

(B) ଭାଷିକ ସାର୍ଥକତା ପ୍ରତିପାଦନ

(C) କାବ୍ୟିକ ସୌନ୍ଦର୍ଯ୍ୟ ବୃଦ୍ଧି

(D) ସାମାଜିକ ନ୍ୟାୟ ପ୍ରତିଷ୍ଠା

89. 'ପ୍ରତୀକ' ମୁଖ୍ୟତଃ :

(A) ଚିତ୍ରଧର୍ମୀ

(B) ବର୍ଣ୍ଣନାଧର୍ମୀ

(C) କଳ୍ପନାଧର୍ମୀ

(D) ବ୍ୟଂଜନାଧର୍ମୀ

90. ବୈକୁଣ୍ଠନାଥଙ୍କ 'ଯାତ୍ରା ସଙ୍ଗୀତ' କିପ୍ରକାର ରଚନା ?

(A) ରୋମାଣ୍ଟିକ

(B) ରହସ୍ୟବାଦୀ

(C) ବିଷାଦବାଦୀ

(D) ହାସ୍ୟରସାତ୍ମକ

91. ଭୀମଭୋଇ କେଉଁ ଧର୍ମାବଲମ୍ବୀ କବି ?

(A) ଖ୍ରୀଷ୍ଟ

(B) ହିନ୍ଦୁ

(C) ଅଲେଖ

(D) ବହାଇ

92. କିଏ ଗୋଟୁ ଜ୍ୟୋତିର୍ମୟି, ଶୁଦ୍ଧ-ଶୁଭ୍ର-ବେଶା ଇନ୍ଦ୍ରନୀଳ-ଦ୍ୟୁତି-ଜିତ-ମନୋହର-କେଶା ? — ଏ କବିତାଂଶଟି କାହାର ?

(A) ରାଧାନାଥ ରାୟ

(B) ମଧୁସୂଦନ ରାଓ

(C) ନନ୍ଦକିଶୋର ବଳ

(D) ଗଙ୍ଗାଧର ମେହେର

93. ଓଭିଡଙ୍କ 'ପିରାମସ୍ ଥିସବି' ସହିତ ରାଧାନାଥଙ୍କ କେଉଁ କାବ୍ୟର ସାମଞ୍ଜସ୍ୟ ଲକ୍ଷିତ ?

(A) କେଦାରଗୌରୀ

(B) ଉଷା

(C) ଚନ୍ଦ୍ରଭାଗା

(D) ପାର୍ବତୀ

94. ନିମ୍ନସ୍ଥ କେଉଁ ପୁସ୍ତକଟି ମଧୁସୂଦନ ରାଓଙ୍କ ରଚନା ନୁହେଁ ?

(A) ବର୍ଣ୍ଣବୋଧ

(B) କାବ୍ୟ ସଞ୍ଚୟନ

(C) ବସନ୍ତଗାଥା

(D) କୁସୁମାଞ୍ଜଳି

95. 'ବନ୍ଦୀର ଆତ୍ମକଥା'ରେ କିପ୍ରକାର ଚିନ୍ତାଧାରା ପ୍ରତିଫଳିତ ?

(A) ଗ୍ରାମପ୍ରୀତି

(B) ବ୍ୟକ୍ତିଗତ ଦୁଃଖ

(C) ଶ୍ରୀଜଗନ୍ନାଥ ଭାବନା

(D) ଜାତୀୟତାବାଦୀ

96. ମାୟାଧର ମାନସିଂହଙ୍କ 'କୃଶ' କିପ୍ରକାର କାବ୍ୟ-ଆଙ୍ଗିକ ଗ୍ରହଣ କରିଚି ?

(A) ସନେଟ

(B) ଏପିକ

(C) କାବ୍ୟ

(D) ଖଣ୍ଡକାବ୍ୟ

97. 'ପାଣ୍ଡୁଲିପି' ସଂକଳନର କବିତାଗୁଡ଼ିକ କେଉଁ ଦୁଇ ପ୍ରମୁଖ ଭାଗରେ ବିଭକ୍ତ ?

(A) ନୀଳ ଓ ସବୁଜ

(B) ଧୂସର ଓ ଲୋହିତ

(C) ପୀତ ଓ କୃଷ୍ଣ

(D) ଶ୍ୱେତ ଓ ଶ୍ୟାମଳ

98. କେଉଁ ଧରଣର ରଚନା ପାଇଁ ରାଧାମୋହନ ଗଡ଼ନାୟକ ସୁଖ୍ୟାତ ?

(A) ଚଉପଦୀ

(B) ସ୍ତୁତି-ଗୀତିକା

(C) ଗାଥାକବିତା

(D) ସମ୍ବୋଧଗୀତି

99. 'ଶ୍ରୀରାଧା' ପାଇଁ ରମାକାନ୍ତ କେଉଁ ପୁରସ୍କାର ପାଇଛନ୍ତି ?

(A) ଶାରଳା

(B) ସରସ୍ୱତୀ

(C) ଓଡ଼ିଆ ସାହିତ୍ୟ ଏକାଡେମୀ

(D) ମୂର୍ତ୍ତିଦେବୀ

100. କେଉଁଟି କୁନ୍ତଳାକୁମାରୀଙ୍କ ରଚନା ନୁହେଁ ?

(A) ଅଞ୍ଜଳି

(B) ଅର୍ଚ୍ଚନା

(C) ଉଚ୍ଛ୍ୱାସ

(D) ପୂଜାରିଣୀ

■■■■■■■■■■■■■■■■

## SPACE FOR ROUGH WORK

SEAL